# ତହସିଲଦାର କାର୍ଯ୍ୟାଳୟ, ପାତ୍ରପୁର

ବିଜ୍ଞାପନ ସଂଖ୍ୟା: ୧୩ ସୈରାତ /ତା.୦୫.୦୧.୨୦୨୧ ରିଖ

## ନିଲାମ ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପାତ୍ରପୁର ତହସିଲ ଇଲାକାରେ ଥିବା **୪ (ଚାରି)** ଗୋଟି ପଥର ସୈରାତ ଉସ୍ତ (ନିମ୍ନରେ ପ୍ରଦତ୍ତବିବରଣୀ) ଗୁଡିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦି) ଲିଜ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ୍ **www.ganjam.nic.in**ରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ପାତ୍ରପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ପାତ୍ରପୁର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ । ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା. ୦୭/୦୧/୨୦୨୧ ରିଖ ଠାରୁ ତା. ୦୬/୦୨/୨୦୨୧ ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ତହସିଲଦାରଙ୍କ ଦ୍ଵାରା ସୈରାତ ଉସ୍ତର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା.୦୮/୦୨/୨୦୨୧ ରିଖ ୧୧.୦୦ ଘଟିକା ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୁଡାନ୍ତ କରାଯିବ । କୌଣସି କାରଣରୁ ନିଲାମ ନହୋଇ ପାରିଲେ ଦ୍ଵିତୀୟ ତା. ୦୯/୦୨/୨୦୨୧ ରିଖ ଏବଂ ଦ୍ଵିତୀୟ ତାରିଖରେ ନହୋଇ ପାରିଲେ **ତୃତୀୟ ତା. ୧୦/୦୨/୨୦୨୧ ରିଖ** ରେ ନିଲାମ କରାଯିବ । କୌଣସି କାରଣ ନଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ ।

## ସୈରାତ ଉସ୍ତର ବିବରଣୀ

| କ୍ରମିକ ନଂ | ସୈରାତ ଉସ୍ତର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ(ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ(ପ୍ରତି ଘନ ମି.) | M.G.Q ଅନୁସାରେ ବାର୍ଷିକ ସୈରାତର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶିର ପରିମାଣ (ଟଙ୍କାରେ ) | 5% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ ) (EMD) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | କେଶପୁର ପଥର ଖଣି | କେଶପୁର | ୩୧୦ | ୬୫୦/୧୨୩୩ | ୧୦.୭୬୦ | ପଥରବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୭୦୦୦ | ୧୦୦୦ | ୮୦୫୦୦ |
| ୨ | ଶ୍ରୀରାମପୁର ପଥର ଖଣି | ଶ୍ରୀରାମପୁର | ୧୦୭ | 6 ଏବଂ 9 | ୦.୫୮୧ | ପଥରବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧୦୦୦ | ୧୦୦୦ | ୧୧୫୦୦ |
| ୩ | ଗୋଠଗାଁ ପଥର ଖଣି | ଗୋଠଗାଁ | ୪୧୭ | ୨୩୪୬ | ୨.୮୬୦ | ପଥରବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧୦୦୦ | ୧୦୦୦ | ୧୧୦୦୦ |
| ୪ | ଖରଣିପଡା ପଥର ଖଣି | ଖରଣିପଡା | ୭୭୭ | ୩୪୯୩ | ୨.୨୧୫ | ପଥରବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୨୫୦୦ | ୧୦୦୦ | ୨୮୭୫୦ |

05.01.2021

ତହସିଲଦାର,ପାତ୍ରପୁର

# ତହସିଲଦାର କାର୍ଯ୍ୟାଳୟ, ପାତ୍ରପୁର ଜିଲ୍ଲା-ଗଞ୍ଜାମ

ବିଜ୍ଞପ୍ତି ସଂଖ୍ୟା: ୧୩ ସୈରାତ/ତା. ୦୫.୦୧.୨୦୨୧ ରିଖ

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ -୨୦୦୪ ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ)ନିୟମ ୨୦୧୪ ଅନୁଯାୟୀ ଏତଦ୍ୱାର ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପାତ୍ରପୁର ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ Annexure-1 ରେ ପ୍ରଦତ୍ତ ) ଗୁଡିକୁ ଆସନ୍ତା (ପାଞ୍ଚ ବର୍ଷ) ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି ।

**ସୈରାତ ଉତ୍ସର ବିବରଣୀ**

| କ୍ରମିକ ନଂ | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ(ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ(ପ୍ରତି ଘନ ମି.) | M.G.Q ଅନୁସାରେ ବାର୍ଷିକ ସୈରାତର ପରିମାଣ | ଅଗ୍ରିମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ | 5% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | କେଶପୁର ପଥର ଖଣି | କେଶପୁର | ୩୧୦ | ୬୫୦/୧୨୩୩ | ୧୦.୭୬୦ | ପଥର ବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୭000 | ୧୦୦୦ | ୮0୫00 |
| ୨ | ଶ୍ରୀରାମପୁର ପଥର ଖଣି | ଶ୍ରୀରାମପୁର | ୧୦୭ | ୬ ଏବଂ ୯ | ୦.୫୮୧ | ପଥର ବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧000 | ୧୦୦୦ | ୧୧୫00 |
| ୩ | ଗୋଠଗାଁ ପଥର ଖଣି | ଗୋଠଗାଁ | ୪୧୭ | ୨୩୪୬ | ୨.୮୭୫ | ପଥର ବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧000 | ୧୦୦୦ | ୧୧୫00 |
| ୪ | ଖରଣିପଡା ପଥର ଖଣି | ଖରଣିପଡା | ୭୭୭ | ୩୪୯୩ | ୨.୨୧୫ | ପଥର ବଣି | ୧୩0.00 | ୧00.00 | ୨୩0.00 | ୨୫00 | ୧000 | ୨୮୭୫0 |

ଲିଜରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ ଆନୁସଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟ ବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓ OMMC-rule-2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପାରେ ଆବେଦନ କରିବେ ।

1. OMMC-Rule-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା 3 କିତା Form M ( 3 Copies) ଦାଖଲ କରିବେ ।
2. ଦରଖାସ୍ତ ଫି ବାବଦକୁ ଟ. 1000 (ଏକ ହଜାର ଟଙ୍କା) ର ଟ୍ରେଜରୀ ଚାଲାଣ (Head of Account-0853-Non Ferrous Mining & Meteorological Industries- 102-Mineral Concession Fees Rent of Royalties(ଦାଖଲ କରିବେ । ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
3. ଉତ୍ସ ର ନାମ ତଫସିଲ ଏବଂ ସରହଦ ବିବରଣୀ ସଲଗ୍ନ କରିବା ହେବେ ।
4. ଦରଖାସ୍ତ କାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।
5. ଦରଖାସ୍ତ କାରୀ 18 (ଅଠର) ମାସର ଅବଧି ଥାଇ ଏକ Solvency Certificate କିମ୍ବା Bank Guaranty ଦାଖଲ କରିବେ, ଯାହାର ସର୍ବ ନିମ୍ନ ମୂଲ୍ୟ ସୈରାତ ଉତ୍ସ ର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity)x( Royality +Offered Additional Charges by Participant) ...

ନିଆଯିବ । ଦରଖାସ୍ତ କାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ Solvency Certificate କିମ୍ବା Bank Guaranty ମୂଲ୍ୟକୁ ଗ୍ରହଣ କରାଯିବ । ଯଦି ଦରଖାସ୍ତ କାରୀ ଏକାଧିକ ସୈରାତ ଉତ୍ସ ନିମନ୍ତେ ଆବେଦନ କରିଥାନ୍ତି Anexure -1 କ୍ରମଅନୁଯାୟୀ Solvency Certificate କିମ୍ବା Bank Guaranty ମୂଲ୍ୟକୁ ଗ୍ରହଣ କରାଯିବ ।

6. ଦରଖାସ୍ତ କାରୀ ଆବେଦନ କରୁଥିବା ସୈରାତ ଉତ୍ସ ର EMD (Earnest Money Deposit ) ବ୍ୟାଙ୍କ ଡାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ (Minimum Guaranteed Quantity)x (Royality+ Additional Charges specified in the notice) ର ଶତକଡା 5 % ରହିବ । ଉକ୍ତ ବ୍ୟାଙ୍କ ଡାଫ୍ଟ Tahasildar, Patrapurଙ୍କ ନାମରେ କରିବା ବାଞ୍ଛନୀୟ । ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

7. ଦରଖାସ୍ତ କାରୀ ପ୍ରାଧୀକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ ଆବଶ୍ୟକୀୟ ତଥ୍ୟ ଯଥା ବୈଶୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଆର୍ଥିକ ସ୍ଥିତି ଇତ୍ୟାଦି ପ୍ରମାଣ ପତ୍ର ସଲଗ୍ନ କରିପାରନ୍ତି ।

୪. ଦରଖାସ୍ତ କାରୀ ବର୍ଷର ଆୟକର ଦାଖଲ (Income Tax Filling) ବିବରଣୀ ର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

୨. ଦରଖାସ୍ତ କାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସ କୁ ପରି ଦର୍ଶନ କରି ଥିବାର ଏକ ସ୍ୱ ଘୋଷିତ ଲିଖିତ ନାମା (Self-Declaration) ଦାଖଲ କରିବେ ।

10. ଦରଖାସ୍ତ କାରୀ ସୈରାତ ଉତ୍ସର Mining Plan, EC Preparation & Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

11. ଦରଖାସ୍ତ କାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନ କାରୀଙ୍କ ନାମ,ଠିକଣା ଓ ଫୋନ୍ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତ କୁ ଜଉମୁଦ ଲଫାପାରେ Registered Post/ Speed Post ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ତା ୦୭/୦୧/୨୦୨୧ ରିଖ **ଠାରୁ ତା. ୦୬/୦୨/୨୦୨୧** ରିଖ ମଧ୍ୟରେ ଅପରାହ୍ନ **୫.୩୦ ଘଟିକା** ସୁଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ତା ୦୬/୦୨/୨୦୨୧ **ରିଖ ଅପରାହ୍ନ ୫.୩୦** ଘଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ।ତା **୦୮/୦୨/୨୦୨୧** ରିଖ ପୂର୍ବହ୍ନ **୧୧.୦୦ ଘଟିକା** ସମୟରେ ପାତ୍ରପୁର ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇ ଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rule-2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ ଦର ଉଲ୍ଲେଖ କରି ଥିବା ଦରଖାସ୍ତ କାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରି ଦିଆଯିବ ।

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ତା ୧୨/୦୨/୨୦୨୧ ରିଖ ଅପରାହ୍ନ ୫.୩୦ ମି. ପର୍ଯ୍ୟନ୍ତ ପୂନର୍ବାର Registered Post/ Speed Post ଟେଣ୍ଡର ବକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା ୧୫/୦୨/୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ପାତ୍ରପୁର ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବା ।

ସେହିପରି ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ପୂର୍ନବାର ନିଲାମ ନ ହୋଇ ପାରେ ତେବେ ତାହା ତା ୨୦/୦୨/୨୦୨୧ ରିଖ ଅପରାହ୍ନ ୫.୩୦ ମି. ପର୍ଯ୍ୟନ୍ତ ପୁର୍ନବାର Registered Post/ Speed Post ଟେଣ୍ଡର ବକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା.୨୨/୦୨/୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ପାତ୍ରପୁର ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବା ।

**ଠିକଣା**

**ତହସିଲଦାର, ପାତ୍ରପୁର**

**ସା /ପୋ – ପାତ୍ରପୁର**

**ଜି – ଗଞ୍ଜାମ, ପିନ – 761004**

## ସର୍ତ୍ତାବଳୀ

1.ଆବେଦନ କାରୀ ମାନେ OMMC-rule-2016 ଏବଂ ଏହାର Amendments Rule ର ପରିସର ଭୁକ୍ତ ରହିବେ ।

2. ଆବେଦନ କାରୀ ଲିଜ ପାଇଁ ଉର୍ଦ୍ଧ୍ୱଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସୈରାତ ଉସ୍ତ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଅନ୍ୟାନ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉର୍ଦ୍ଧ୍ୱଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଏବଂ ସେଥିପାଇଁ କର୍ତ୍ତୁପକ୍ଷ ଦାୟୀ ରହିବେ ନାହିଁ । ଲିଜ ଦିଆଯାଇ ଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୁପକ୍ଷ ଦାୟୀ ରହିବେ ନାହିଁ ।

3. ଲିଜ ଧାରୀ Mining Plan, ECଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।
ସର୍ବୋଚ୍ଚ ନିଲାମ ଧାରୀ ସୈରାତ ଉସ୍ତ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

4. ପଥର ସୈରାତ ଉସ୍ତ ପାଇଁ ଘନ ମିଟର (Per Cubic Meter) ପ୍ରତି ସର୍ବନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ Annexure-1 ମୁତାବକ ଧାର୍ଯ୍ୟ କରାଯାଇଛି ।

5. ଧରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge)ଏବଂ Royalityର ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଲଗ୍ନ ନକରିଥିବା ଦରଖାସ୍ତ କାରୀ ଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

6. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉସ୍ତ ନିମନ୍ତେ ସମାନ ରୟାଲିଟି ଏବଂ Additional Charge ମୂଲ୍ୟର ଦର୍ଶାଇ ଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।

7. ଯଦି କୌଣସି ଉସ୍ତ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉସ୍ତ ପାଇଁ ନିଲାମ କରାଯିବ ନାହିଁ ।

8. ଚୟନ କରାଯାଇ ଥିବା ନିଲାମ ଧାରୀଙ୍କୁ କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ Form- F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉସ୍ତ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form- F ପାଇବାର 15 ଦିନ ମଧ୍ୟରେ ଚୟନ ହୋଇ ଥିବା ନିଲାମ ଧାରୀ ନିଲାମ ନେବା ନେଇ ସ୍ୱୀକୃତି ପ୍ରଦାନ କରିବେ । ଏବଂ ବାର୍ଷିକ ଦେୟ (Minimum Guaranteed Quantity)x Royalty+ Offered Additional Charges District Mineral Foundation) ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ ।ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନିତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପୈଠ ନକରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମ ଧାରୀଙ୍କ Earnest Money କୁ ବାଜ୍ୟାପ୍ତି କରାଯିବ । ନିଲାମ ଧାରୀ ଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇ ଥିବା ଆବେଦନ କାରୀଙ୍କ Earnest Money କୁ ଫେରସ୍ତ କରି ଦିଆଯିବ ।

9.ନିଲାମ ଧାରୀ ସମସ୍ତ (Clearance) ଦେୟ ଜମା କରିବା ପରେ Form-N ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜଷ୍ଟ୍ରି(Registration Act 1908 & Stamp Act 1890 &1899 ଅନୁଯାୟୀ) ସମ୍ପାଦନ କରିବେ।

10. OMMC Rule-2016 ନିୟମବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

11. ଲିଜ ଧାରୀ ସୈରାତ ଉସ୍ତ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royality Additional Charge Dead Rent, Surface Rent, DMF,EMF ଓ ଅନ୍ୟାନ ଦେୟର OMMC Rule-2016 ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର 2% ଆୟକର(TCS) ବାବଦକୁ ଜମା କରିବେ ।

12.ଲିଜ ଧାରୀ ସୈରାତ ଉସ୍ତର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉସ୍ତର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

13. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉସ୍ତକୁ କାର୍ଯ୍ୟକ୍ଷମକରି ପାରିବେ ନାହିଁ ।

14.ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ କାଗଜାତ ପାତ୍ରପୁର ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବ ସାଇଟ www.ganjam.nic.inରେ ଦେଖିପାରିବେ ।

15.କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ(MGQ) ଏବଂ ଅତିରିକ୍ତ ଦେୟ (Additional Charges) ସଂଶୋଧନ କରିପାରିବେ।

16. ନିଲାମ ଦରଖାସ୍ତ କାରୀ ମାନେ ଓଡିଶା ଲଘୁ ଖଣିଜ ନିୟମ 2016(OMMC Rule-2016) ଏବଂ ତଦ୍ ସଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

17. ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉ ଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ଦ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

18. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରି ପାରିବେ ।

19. ଲିଜ ଅବଧି ମଧ୍ୟରେ ଲିଜ ଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଙ୍ଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।

20. ଲିଜ ଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

05.01.2021

ତହସିଲଦାର, ପାତ୍ରପୁର

ପତ୍ର ସଂଖ୍ୟା: ୧୪ ତା. ୦୫.୦୧.୨୦୨୧ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ / ଉପ-ଜିଲ୍ଲାପାଳ ବ୍ରହ୍ମପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

05.01.2021

ତହସିଲଦାର, ପାତ୍ରପୁର

ପତ୍ର ସଂଖ୍ୟା: ୧୫ ତା. ୦୫.୦୧.୨୦୨୧ ରିଖ

ଏହାର ଏକକିତା ନକଲ NIC Ganjamଙ୍କ ଅବଗତି ତଥା ଗଞ୍ଜାମ ଜିଲ୍ଲା Web Site ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

05.01.2021

ତହସିଲଦାର, ପାତ୍ରପୁର

ପତ୍ର ସଂଖ୍ୟା: ୧୬ ତା. ୦୫.୦୧.୨୦୨୧ ରିଖ

ଏହାର ଏକକିତା ନକଲ ବି.ଡି.ଓ ପାତ୍ରପୁର / ଭାରପ୍ରାପ୍ତ ଥାନା ଅଧୀକାରୀ ଜରଡା ପୋଲିସ୍ ଷ୍ଟେସନ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

05.01.2021

ତହସିଲଦାର, ପାତ୍ରପୁର

ପତ୍ର ସଂଖ୍ୟା: ୧୭ ତା. ୦୫.୦୧.୨୦୨୧ ରିଖ

ଏହାର ଏକକିତା ନକଲ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନୋଟିସ୍ ବୋର୍ଡ ଉପ ଗୁଡିକ ଥିବା ସଂପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

05.01.2021

<u>ANNEXURE-I</u>

# ସୈରାତ ଉତ୍ସର ବିବରଣୀ

| ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ(ପ୍ରତି ଘନ ମି.) | M.G.Q ଅନୁସାରେ ବାର୍ଷିକ ସୈରାତର ପରିମାଣ | ଅଗ୍ରିମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ ) | 5% ଅମାନତ ରାଶି ବାବଦରୁ ଦେୟ (ଟଙ୍କାରେ ) |
|---|---|---|---|---|---|---|---|---|---|---|---|
| ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| କେଶପୁର ପଥର ଖଣି | କେଶପୁର | ୩୧୦ | ୬୫୦/୧୨୩୩ | ୧୦.୭୬୦ | ପଥର ବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୭୦୦୦ | ୧୦୦୦ | ୮୦୫୦୦ |
| ଶ୍ରୀରାମପୁର ପଥର ଖଣି | ଶ୍ରୀରାମପୁର | ୧୦୭ | ୬ ଏବଂ ୯ | ୦.୫୮୧ | ପଥର ବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧୦୦୦ | ୧୦୦୦ | ୧୧୫୦୦ |
| ଗୋଠଗାଁ ପଥର ଖଣି | ଗୋଠଗାଁ | ୪୧୭ | ୨୩୪୬ | ୨.୮୭୫ | ପଥରବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧୦୦୦ | ୧୦୦୦ | ୧୧୫୦୦ |
| ଖରଣିପଡା ପଥର ଖଣି | ଖରଣିପଡା | ୭୭୭ | ୩୪୯୩ | ୨.୨୧୫ | ପଥର ବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୨୫୦୦ | ୧୦୦୦ | ୨୮୭୫୦ |

୦୫.୦୧.୨୦୨୧

ତହସିଲଦାର,ପାତ୍ରପୁର